ମନୋହର ଲାଲ

ବନାମ

ରାଜସ୍ଥାନ ରାଜ୍ୟ

22, ଜାନୁଆରୀ 1996

[ଜେ. ଏସ୍. ବର୍ମା ଏବଂ ବି. ଏନ୍. କିରପାଲ୍, ନ୍ୟାୟମୁର୍ତ୍ତିଦ୍ୱୟ]

*ମାଦକ ଔଷଧୀ ଏବଂ ମନପ୍ରଭାବି ପଦାର୍ଥ ଅଧିନିୟମ 1985:*

*ଧାରା 50-ଅନୁସନ୍ଧାନ -ଅଭିଯୁକ୍ତଙ୍କୁ ବିକଳ୍ପ ପ୍ରଦାନ କରାଯାଇଥିଲା ଯେ ତଲାସି ଜଣେ ରାଜପତ୍ରିତ ଅଧିକାରୀଙ୍କ ଉପସ୍ଥିତିରେ କରାଯିବ ନା ଜଣେ ଦଣ୍ଡାଧିକାରୀଙ୍କ ଉପସ୍ଥିତିରେ କରାଯିବ-କିନ୍ତୁ ନିକଟତମ ରାଜପତ୍ରିତ ଅଧିକାରୀ କିମ୍ବା ନିକଟତମ ଦଣ୍ଡାଧିକାରୀଙ୍କ ଚୟନ, ଅନୁସନ୍ଧାନ କରୁଥିବା ଅଧିକାରୀଙ୍କ ଦ୍ୱାରା ପ୍ରୟୋଗ କରିବାକୁ ପଡିବ ଏବଂ ଅଭିଯୁକ୍ତଙ୍କ ଦ୍ୱାରା ନୁହେଁ-ବ୍ୟବସ୍ଥାର ନିର୍ମାଣ ସରଳ ହୋଇଥିବାରୁ ଏବଂ ବିପରୀତ ଦୃଷ୍ଟିକୋଣ ନେଇ କୌଣସି ନିର୍ଣ୍ଣୟ ନଥିବାରୁ, 3 ଜଣିଆ ଦଣ୍ଡାଧିକାରୀଙ୍କ ବିଚାରପୀଠକୁ ପଠାଇବାର ଆବଶ୍ୟକ ନାହିଁ ।*

ଫୌଜଦାରୀ ଆବେଦନ ଅଧିକାରିତା :ଏସ୍.ଏଲ୍. ପି. (ସି.ଆର୍.ଏଲ୍.) ସଂଖ୍ୟା 184/96।

ଏସ୍. ବି. ଫୌଜଦାରୀ ଆବେଦନ ସଂଖ୍ୟା 537/1993 ରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟଙ୍କର 5.9.95 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀ/ଅର୍ଜିଦାତାଙ୍କ ପାଇଁ ବିବେକ ଗମ୍ଭୀରଙ୍କ ପାଇଁ ଏସ୍. କେ. ଗମ୍ଭୀର ।

ନ୍ୟାୟାଳଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଆବେଦନକାରୀ ପାଇଁ ବିଦ୍ୱାନ ଅଧିବକ୍ତାଙ୍କ ନିବେଦନ ହେଉଛି ଯେ ମାଦକ ଔଷଧୀ ଏବଂ ମନପ୍ରଭାବି ପଦାର୍ଥ ଅଧିନିୟମ 1985(ସଂକ୍ଷେପରେ "N.D.P.S ଅଧିନିୟମ") ର ଧାରା 50 ର ପ୍ରତିପାଳନ ନକରାଯିବା ବିଷୟ ଟି, ଆବେଦନକାରୀଙ୍କ ଦଣ୍ଡବିଧାନକୁ ବେଆଇନ କରେ । ବିଦ୍ୱାନ ଓକିଲ *ସାଇୟଦ ମହମ୍ମଦ ସାଇୟଦ ଏବଂ ଅନ୍ୟମାନେ ବନାମ ଗୁଜରାଟ ରାଜ୍ୟ,* (1995 (3) ଏସ୍. ସି. ସି. 610)ଙ୍କ ମାମଲାରେ ଏହି ନ୍ୟାୟାଳୟଙ୍କର ନିର୍ଣ୍ଣୟ ଉପରେ ନିର୍ଭରଶୀଳ ହୋଇ ନିବେଦନ କରିଥିଲେ ଯେ N.D.P.S ଅଧିନିୟମ ର ଧାରା 50ର ଉପଯୁକ୍ତ ପ୍ରତିପାଳନକୁ ପ୍ରମାଣ କରିବାର

ଭାର ଅଭିଯୋଜନ ପକ୍ଷ ଉପରେ ରହିଛି । ଏହା କହିବା ଯଥେଷ୍ଟ ଯେ ସାନି ମାମଲାରେ, ଉଚ୍ଚ ନ୍ୟାୟାଳୟ ଏହି ପ୍ରଶ୍ନକୁ ତର୍ଜମା କରିଛନ୍ତି ଏବଂ ଏକ ସ୍ପଷ୍ଟ ଫଳାଫଳ ଦରଜ କରି ଦର୍ଶାଇଛନ୍ତି ଯେ N.D.P.S ର ଧାରା 50 ର ଅନୁପାଳନ କରାଯାଇ ଅଭିଯୁକ୍ତଙ୍କୁ ବ୍ୟବସ୍ଥାରେ ନିର୍ଦ୍ଦିଷ୍ଟ ବିକଳ୍ପ ଦିଆଯାଇଥିଲା ଏବଂ ତାଙ୍କ ଦ୍ୱାରା ସେହି ବିକଳ୍ପ ପ୍ରୟୋଗ କରିବା ପରେ, ଜଣେ ରାଜପତ୍ରିତ ଅଧିକାରୀଙ୍କ ଉପସ୍ଥିତିରେ ତାଙ୍କର ଅନୁସନ୍ଧାନ କରାଯାଇଥିଲା ।

ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଅଧିବକ୍ତା ଆହୁରି ନିବେଦନ କରିଥିଲେ ଯେ N.D.P.S ଅଧିନିୟମର ଧାରା 50ର ଅନ୍ୟ ଏକ ଆବଶ୍ୟକତା ହେଉଛି ଯେ ଅଭିଯୁକ୍ତକୁ ରାଜପତ୍ରିତ ଅଧିକାରୀଙ୍କ ସମ୍ମୁଖରେ କିମ୍ବା ଦଣ୍ଡାଧିକାରୀଙ୍କ ସମ୍ମୁଖରେ ଯାଞ୍ଚ କରିବାକୁ ଚାହୁଁଛନ୍ତି କି ନାହିଁ ତାହା ଚୟନ କରିବାର ବିକଳ୍ପ ମଧ ଦିଆଯିବା ଉଚିତ । ଏହା ଉପସ୍ଥାପିତ ହୋଇଛି ଯେ ସାନି ମାମଲାରେ ଆବେଦନକାରୀଙ୍କୁ ଏହି ଅତିରିକ୍ତ ବିକଳ୍ପ ଦିଆଯାଇ ନଥିଲା । ଆମେ N.D.P.S ଅଧିନିୟମ ଧାରା 50ର ଏପରି ପ୍ରସ୍ତୁତିକୁ ଗ୍ରହଣ କରିବାରେ ଅସମର୍ଥ । ଏହି ବ୍ୟବସ୍ଥାରେ କେବଳ ଅଭିଯୁକ୍ତକୁ ରାଜପତ୍ରିତ ଅଧିକାରୀ କିମ୍ବା ଦଣ୍ଡାଧିକାରୀଙ୍କ ସମ୍ମୁଖରେ ଅନୁସନ୍ଧାନ କରାଯିବାକୁ ଚାହୁଁଛନ୍ତି କି ନାହିଁ ତାହା କହିବା ପାଇଁ ବିକଳ୍ପ ଦିଆଯିବା ଆବଶ୍ୟକ; ଏବଂ ଅଭିଯୁକ୍ତଙ୍କ ଦ୍ୱାରା ସେହି ବିକଳ୍ପକୁ ପ୍ରୟୋଗ କରାଯିବା ପରେ, ସମ୍ପୃକ୍ତ ଅଧିକାରୀ ନିଜର ସୁବିଧା ମୁତବକ ନିକଟତମ ରାଜପତ୍ରିତ ଅଧିକାରୀ କିମ୍ବା ନିକଟତମ ଦଣ୍ଡାଧିକାରୀଙ୍କ ଉପସ୍ଥିତିରେ ଅନୁସନ୍ଧାନ କରିବା ଆବଶ୍ୟକ, ଯିଏ ସେହି କାର୍ଯ୍ୟ ସମାପ୍ତିରେ ଅଯଥା ବିଳମ୍ବକୁ ଏଡ଼ାଇବା ପାଇଁ ଉପଲବ୍ଧ ଥିବେ । ଅଧିନିୟମ ର ଧାରା 50ରୁ ଏହା ସ୍ପଷ୍ଟ ଯେ ଅଭିଯୁକ୍ତକୁ ଦିଆଯାଇଥିବା ବିକଳ୍ପ ହେଉଛି କେବଳ ଅନୁସନ୍ଧାନ କରୁଥିବା ଅଧିକାରୀଙ୍କ ଦ୍ୱାରା କିମ୍ବା ନିକଟତମ ଉପଲବ୍ଧ ରାଜପତ୍ରିତ ଅଧିକାରୀ କିମ୍ବା ନିକଟତମ ଉପଲବ୍ଧ ଦଣ୍ଡାଧିକାରୀ ଉପସ୍ଥିତିରେ ତାଙ୍କୁ ଅନୁସନ୍ଧାନ କରାଯିବାର ଚୟନର ବିକଳ୍ପ ପ୍ରଦାନ କରାଯିବ । ନିକଟତମ ରାଜପତ୍ରିତ ଅଧିକାରୀ କିମ୍ବା ନିକଟତମ ଦଣ୍ଡାଧିକାରୀଙ୍କ ଚୟନ, ଅନୁସନ୍ଧାନ କରୁଥିବା ଅଧିକାରୀଙ୍କ ଦ୍ୱାରା ପ୍ରୟୋଗ କରିବାକୁ ପଡିବ, ଅଭିଯୁକ୍ତଙ୍କ ଦ୍ୱାରା ନୁହେଁ ।

ବିଦ୍ୱାନ ଅଧିବକ୍ତା, *ରଘବୀର ସିଂ ବନାମ ହରିୟାଣା ରାଜ୍ୟ* ମାମଲାରେ ବିଶେଷ ଅନୁମତି ଆବେଦନ ସଂଖ୍ୟା 2546/1995 (ଫୌଜଦାରୀ) ରେ କରାଯାଇଥିବା 8.1.1996 ତାରିଖର ଏକ ଆଦେଶ ବିଷୟରେ *ମଧ* ଉଲ୍ଲେଖ କରିଥିଲେ।, ଯେଉଁଥିରେ ତାଙ୍କ ଅନୁଯାୟୀ, ସମାନ ପ୍ରଶ୍ନ 3-ବିଚାରପତିଙ୍କ ବିଚାରପୀଠ ଦ୍ୱାରା ନିର୍ଣ୍ଣୟ ପାଇଁ ଏହି ଆଧାରରେ ପଠାଯାଇଥିଲା ଯେ ତାଙ୍କ ଦ୍ୱାରା ଦ୍ୱିତୀୟ ନିବେଦନରେ ଜଡିତ ପ୍ରଶ୍ନର ଏପର୍ଯ୍ୟନ୍ତ କୌଣସି ନିର୍ଣ୍ଣୟ ନିଆଯାଇ ନାହିଁ । ଏହା କହିବା

ଯଥେଷ୍ଟ ଯେ ଏକ ବିପରୀତ ଦୃଷ୍ଟିକୋଣ ନେଇ କୌଣସି ନିର୍ଣ୍ଣୟ ନିଆଯାଉ ନାହିଁ, ଏବଂ ଆମ ମତରେ, ପ୍ରସ୍ତୁତି ସରଳ ହୋଇଥିବାରୁ, ଏହି ମାମଲାକୁ 3-ବିଚାରପତିଙ୍କ ବିଚାରପୀଠକୁ ପଠାଇବା ଆମ ପାଇଁ ଅନାବଶ୍ୟକ ଅଟେ ।

ବିଶେଷ ଅନୁମତି ଆବେଦନ ଖାରଜ କରାଗଲା ।

ଜି. ଏନ୍. ଆବେଦନ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।